# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**4 December – 2025**

## ମୁଖ୍ୟମନ୍ତ୍ରୀ-ଭିନ୍ନକ୍ଷମ ଦିବସ

ଭିନ୍ନକ୍ଷମମାନଙ୍କ ସମସ୍ୟା ଉପରେ ସରକାର ପ୍ରାଥମିକତା ଦେଇ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୫ ପାଳନ ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ସମାଜର ସହଯୋଗ ଓ ପରିବାରର ପ୍ରେରଣା ଦ୍ୱାରା ଭିନ୍ନକ୍ଷମ ବ୍ୟକ୍ତିମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିପାରିଛନ୍ତି । ବିଗତ ୧୧ ବର୍ଷ ମଧ୍ୟରେ ସରକାର ଭିନ୍ନକ୍ଷମ ମାନଙ୍କ ୩୧ଲକ୍ଷ କୃତ୍ରିମ ଉପକରଣ ପ୍ରଦାନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଟି-୨୦ ଦୃଷ୍ଟିବାଧିତ ମହିଳା ବିଶ୍ୱକପ୍ କ୍ରିକେଟ୍‌ର ୪ଜଣ ଖେଳାଳିଙ୍କ ସମେତ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ କୃତୀତ୍ୱ ଅର୍ଜନ କରିଥିବା ୩୩ଜଣ ଭିନ୍ନକ୍ଷମ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ପୁରୀ ଗ୍ଲୋବାଲ ସମିଟ

ପୁରୀଠାରେ ଆସନ୍ତାକାଲିଠାରୁ ତିନିଦିନିଆ ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟ-୨୦୨୫ ଆରମ୍ଭ ହେବ । ସ୍ୱଚ୍ଛ ଇନ୍ଧନ କ୍ଷେତ୍ରରେ ଭାରତର କାର୍ଯ୍ୟପନ୍ଥା ଓ ଅଗ୍ରୀଣ ଭୂମିକା ବିଷୟରେ ଏହାର ଆଲୋଚନା କରାଯିବ ।

ସୂଚନା ଅନୁସାରେ କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ, ଶ୍ରୀପଦ ନାୟକ ସମ୍ମିଳନୀରେ ଯୋଗଦେବେ । ହିମାଚଳପ୍ରଦେଶ ଏବଂ ଛତିଶଗଡର ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ଜୀବିକା ମିଶନ-ବୈଠକ

ସହରାଞ୍ଚଳରେ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣକୁ ସୁଦୃଢ଼ କରିବା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଗୁରୁତ୍ୱାରୋପ କରିଛନ୍ତି । ଭୁବନେଶ୍ୱରରେ ଗତକାଲି ଅନୁଷ୍ଠିତ ମିଶନ ଶକ୍ତି ଏବଂ ଜାତୀୟ ସହରାଞ୍ଚଳ ଜୀବିକା ମିଶନର ସମନ୍ୱୟ ଉପରେ ଏକ ବୈଠକରେ ଯୋଗଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି ସହରାଞ୍ଚଳର ମହିଳା ଗୋଷ୍ଠୀଗୁଡ଼ିକର ଦକ୍ଷତା ବୃଦ୍ଧି, ବଜାର, ଋଣ ଏବଂ ଉଦ୍ୟୋଗୀମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଦିଗରେ ସରକାର ପଦକ୍ଷେପ ନେଉଛନ୍ତି ।

# ବୁଝାମଣାପତ୍ର ସ୍ୱାକ୍ଷରିତ

ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥା-ଆଇଆଇଏମ୍‌ସି ଏବଂ ସମ୍ବଲପୁର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ-ଆଇଆଇଏମ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଉଭୟ ଶିକ୍ଷାନୁଷ୍ଠାନର ସହଯୋଗରେ ବୁଝାମଣାପତ୍ର ଜରିଆରେ ଅଧ୍ୟାପକ ଏବଂ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାର ଆଦାନପ୍ରଦାନ, ଗଣମାଧ୍ୟମ, ଯୋଗାଯୋଗ, ପରିଚାଳନା ଓ ଉଦ୍ୟୋଗିତା କ୍ଷେତ୍ରରେ ଅଧିକ ଗବେଷଣାକୁ ଗୁରୁତ୍ୱ

ଦିଆଯାଇଛି । ନୂଆଦିଲ୍ଲୀସ୍ଥିତ ଆଇଆଇଏମ୍‌ସିର କୁଳସଚିବ ଏଲ୍. ମଧୁନାଗ ଏବଂ ଢେଙ୍କାନାଳ ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଚୁକ୍ତିନାମା ସମୟରେ ଉପସ୍ଥିତ ଥିଲେ ।

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଏବଂ ବାଲ୍ ବୈଜ୍ଞାନିକ ମେଳାରେ ମୋଟ୍ ୧୩୪ଟି ପ୍ରକଳ୍ପର ପ୍ରଦର୍ଶନୀ ହୋଇଥିଲା । ଜିଲ୍ଲାର ୧୦ଟି ବ୍ଲକ ଓ ଭୁବନେଶ୍ୱର ମହାନିଗମର ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଥିରେ ଭାଗ ନେଇଥିଲେ । ପ୍ଲାଷ୍ଟିକ ବ୍ୟବହାରକୁ ହ୍ରାସ କରି ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ଚଳିତବର୍ଷ ଏହି ମେଳାର ମୁଖ୍ୟ ବାର୍ତ୍ତା ଥିଲା ।

## ନୌସେନା ଦିବସ

ଭାରତୀୟ ନୌସେନାର ପରାକ୍ରମ, ସଫଳତା ଏବଂ ରଣନୈତିକ ଗୁରୁତ୍ୱକୁ ସ୍ୱୀକୃତି ଦେବା ଲକ୍ଷ୍ୟରେ ପ୍ରତିବର୍ଷ ଡିସେମ୍ବର ମାସ ଆଜିର ଦିନକୁ ନୌସେନା ଦିବସ ଭାବେ ପାଳନ କରାଯାଇଥାଏ । ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧରେ ଆଜିର ଦିନରେ ଅପରେସନ୍ ଟ୍ରାଇଡେଣ୍ଟ ସମୟରେ କରାଚୀ ବନ୍ଦର ଉପରେ ଭାରତୀୟ ନୌସେନାର ସଫଳ ଆକ୍ରମଣର ସ୍ମୃତିଚାରଣ କରିବା ପାଇଁ ଏହି ଦିବସ ପାଳନ କରାଯାଉଛି । ଜାତୀୟ ସୁରକ୍ଷା ଏବଂ ସାମୁଦ୍ରିକ ଐତିହ୍ୟରେ ଭାରତୀୟ ନୌସେନାର

ଭୂମିକା ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି ସହିତ ଦେଶପ୍ରେମ ଓ ଏକତାର ଭାବକୁ ଉତ୍ସାହିତ କରିଥାଏ ।

## ଇ-କେୱାଇସି

ରାଜ୍ୟରେ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି । ଚଳିତମାସ ଶେଷ ସୁଦ୍ଧା ଏହି ଅବଧିକୁ ବୃଦ୍ଧି କରାଯାଇଛି ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ।  ସକାରଙ୍କର ଆନ୍ତଃ ବିଭାଗୀୟ ଇ-କେୱାଇସି ଅଭିଯାନ ଫଳରେ କ୍ଷେତ୍ରସ୍ତରୀୟ ଯାଞ୍ଚ ସମୟରେ ଗତମାସ ୨୬ ତାରିଖ ସୁଦ୍ଧା ୬ଲକ୍ଷ ୯୩ହଜାର ୯୯୫ଜଣ ମୃତ ବ୍ୟକ୍ତିଙ୍କୁ ଠାବ କରାଯାଇଛି ବୋଲି ବିଧାନସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

## ରୂପା ମୂଲ୍ୟ ବୃଦ୍ଧି

ରାଜଧାନୀ ଭୁବନେଶ୍ୱରରେ ଗତକାଲି ରୂପାର ଦାମ୍ ୫ହଜାର ଟଙ୍କା ବଢ଼ିବାରୁ କିଲୋଗ୍ରାମ ପିଛା ରୂପା ମୂଲ୍ୟ ୨ ଲକ୍ଷ ଟଙ୍କା ଅତିକ୍ରମ କରିଛି । ସୂଚନା ଅନୁସାରେ ଗତମାସ ୨୫ ତାରିଖ ଠାରୁ ରୂପା ଦାମ୍ ଲଗାତର ବୃଦ୍ଧିପାଇ ଗତ ୯ ଦିନ ମଧ୍ୟରେ ୩୦ହଜାର ଟଙ୍କା ବୃଦ୍ଧି ପାଇଛି ।

# ପାଣିପାଗ

ରାଜ୍ୟରେ ଆଜିଠାରୁ ଶୀତର ପ୍ରଭାବ ବୃଦ୍ଧି ପାଇବ ଏବଂ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ସୁନ୍ଦରଗଡ, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ଝାରସୁଗୁଡା, ବଲାଙ୍ଗୀର ଓ ସୋନପୁର ଜିଲ୍ଲାରେ ଘନ କୁହୁଡ଼ିର ସମ୍ଭାବନା ରହିଛି ।